ପ୍ରେସ୍‌ନୋଟ୍

## ନୂତନ ପି.ଡିଙ୍କର କାର୍ଯ୍ୟରେ ଯୋଗଦାନ ଓ ପ୍ରାକ୍ତନ ପି.ଡିଙ୍କୁ ବିଦାୟ ସମ୍ବର୍ଦ୍ଧନା ।

ଅନୁଗୋଳ,୦୧.୦୭ :- ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ନୂତନ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଶ୍ରୀ ଦିଲ୍ଲିପ କୁମାର ସାହୁ ଗତକାଲି ଅପରାହ୍ନରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ୧୯୯୧ ମସିହା ବ୍ୟାଚର ଓ. ଏ.ଏସ୍ ଅଫିସର ଶ୍ରୀ ସାହୁ ଏହା ପୂର୍ବରୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ ଭାବେ ଅବସ୍ଥାପିତ ଥିଲେ । ସେ ମଧ୍ୟ ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଓ ନୟାଗଡ ଉପ-ଜିଲ୍ଲାପାଳ ଭାବେ ସଫଳତାର ସହିତ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହଛଡା ସେ ଏହି ଜିଲ୍ଲାରେ ପୂର୍ବରୁ ଛେଣ୍ଡିପଦା ଓ ଆଠମଲ୍ଲିକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି । ସମ୍ପ୍ରତି କରୋନା ସଂକ୍ରମଣ ପାଇଁ ଜିଲ୍ଲାକୁ ଫେରିଥିବା ଶ୍ରମିକମାନଂକ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ମାହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସେମାନଂକୁ ଆବଶ୍ୟକ କାମ ଯୋଗାଇ ଦେଇ ରୋଜଗାରକ୍ଷମ କରିବା ପାଇଁ ତାଂକର ପ୍ରୟାସ ଜାରି ରହିବ । ଏହାଛଡା ଜିଲାରେ କରୋନାର ନୋଡାଲ ଅଫିସର ଭାବେ ଗ୍ରାମ ପଞ୍ଚାୟତ ଓ ବ୍ଲକ୍ ସ୍ତରରେ ଅସ୍ଥାୟୀ ମେଡିକାଲ ଶିବିରର ସଠିକ୍ ପରିଚାଳନା ଓ କୋଭିଡ କେୟାର ହୋମ ପ୍ରତିଷ୍ଠାକୁ ସେ ସର୍ବାଧିକ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି । ସମ୍ପ୍ରତି କରୋନା କଟକଣା ଯୋଗୁଁ ଗତକାଲି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧ୍ୟକ୍ଷତାରେ ଅଳ୍ପ କିଛି ଅଧିକାରୀଂକୁ ନେଇ ଏହି ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ନିରାଡମ୍ବର ଭାବରେ ଆୟୋଜନ କରାଯାଇଥିଲା । ଜିଲ୍ଲାପାଳଂକ ଉପସ୍ଥିତିରେ ନୂତନ ପି.ଡି ପ୍ରାକ୍ତନ ପି.ଡି ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟଂକ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ଚମ୍ପତିରାଂକର ଓ.ବି.ସି.ସିର ଓ.ଏସ୍.ଡି ଭାବେ ବଦଳି ହୋଇଛି । ଶ୍ରୀ ଚମ୍ପତିରାୟ୍ ଜଣେ ମେଳାପି ଓ କର୍ମଠ ବ୍ୟକ୍ତି ଥିଲେ । ସେ ତାଂକର ଅସାଧାରଣ ବ୍ୟକ୍ତିତ୍ୱରେ ସମସ୍ତଂକର ମନକୁ ଜିତି କାର୍ଯ୍ୟ ସମ୍ପାଦନ କରୁଥିଲେ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପ୍ରାକ୍ତନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତ୍ୟେକ କାର୍ଯ୍ୟକ୍ରମ ଭଳି ଗତକାଲି ସଭାରେ ଚିରାଚରିତ ଢଂଗରେ ସଂଗୀତ ପରିବେଷଣ କରିନଥିଲେ ହେଁ ହ୍ୱାଟସ୍ ଆପ୍ ଗ୍ରୁପ୍‌ରେ ନିଜ କଣ୍ଠ ସ୍ୱରରେ ହିନ୍ଦି ଚଳଚିତ୍ର ସାଜନ ବିନା ସୁହାଗନ୍‌ର ଲୋକପ୍ରିୟ ସଂଗୀତ ‘ମଧୁବନ ଖୁସ୍‌ବୁ ଦେତାହେ, ସାଗର ସାୱନ ଦେତାହେ,ଜିନା ଉସ୍‌କା ଜିନାହେ,ଯୋ ଔରୋ କୋ ଜୀବନ ଦେତାହେ’କୁ କରୋନା ଯୋଦ୍ଧାଂକ ଉଦ୍ଦେଶ୍ୟରେ ସେମାନଂକୁ ଉତ୍ସାହିତ କରିବା ନିମନ୍ତେ ଛାଡିଛନ୍ତି ।

ଏହି ବାର୍ତ୍ତା କରୋନା ଯୋଦ୍ଧାଂକୁ କାର୍ଯ୍ୟ କରିବାରେ ଉତ୍ସାହ ଯୋଗାଇବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । କରୋନା କୋଭିଡ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଂକ ସମର୍ଥନ ଓ ବିଭିନ୍ନ ବିଭାଗର ଅଧିକାରୀମାନଂକର ଦଳଗତ ମନୋଭାବକୁ ନେଇ ତାଂକୁ ସମସ୍ତେ ସହଯୋଗ କରିଥିବାରୁ ସେ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବିଦାୟ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଅନୁଗୋଳ ଉପ-ଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ହରିହର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।






SAVE MONEY SAVE EVERYDAY